# NATIONAL NEWS BULLETIN (ODIA)

## 24 May - 2025

## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ପ୍ରତି ରାଜ୍ୟରେ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀର ବିକାଶ ଲାଗି ନିତିଆୟୋଗ ପରିଚାଳନା ପରିଷଦ ବୈଠକରେ ଗୁରୁତ୍ୱ ଦେଲେ ପ୍ରଧାନମନ୍ତ୍ରୀ ।
- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସହ କରିବେ ଭାବବିନିମୟ ।
- ଅପରେସନ୍ ସିନ୍ଦୂର ସମ୍ପର୍କରେ କୂଟନୈତିକ ସ୍ତରୀୟ ଆଲୋଚନା ପାଇଁ ରୁଷରେ ପହଞ୍ଚିଲେ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ।
- ଖେଲୋ ଇଣ୍ଡିଆ ଉତ୍ତର ପୂର୍ବାଞ୍ଚଳ କ୍ରୀଡ଼ାର ଶୁଭାରମ୍ଭ ହେବା ନେଇ ସୂଚନା ଦେଲେ କ୍ରୀଡ଼ା ମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଲା ଦିଲ୍ଲୀ କ୍ୟାପିଟାଲ୍ସ ।

# ପିଏମ୍-ନିତିଆୟୋଗ

ପ୍ରତି ରାଜ୍ୟରେ ଅତି କମ୍‌ରେ ଏକ ବିଶ୍ୱ ସ୍ତରୀୟ ପର୍ଯ୍ୟଟନ ସ୍ଥଳୀର ବିକାଶ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟଗୁଡ଼ିକୁ କହିଛନ୍ତି । ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୀତି ଆୟୋଗ ପରିଚାଳନା ପରିଷଦର ଦଶମ ବୈଠକରେ ଯୋଗଦେଇ ସେ ଏହା କହିଛନ୍ତି । ଏହିସବୁ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ସମସ୍ତ ପ୍ରକାର ସୁବିଧା ଏବଂ ଭିତ୍ତିଭୂମିର ବିକାଶ କରିବା ଲାଗି ମଧ୍ୟ ସେ ପରାମର୍ଶ ଦେଇଛନ୍ତି ।

ଶ୍ରୀ ମୋଦୀ ଏକ ରାଜ୍ୟ; ଏକ ବିଶ୍ୱ ଶ୍ରେଣୀୟ ପର୍ଯ୍ୟଟନ ସ୍ଥଳୀ ଉପରେ ଗୁରୁତ୍ୱ ପ୍ରଦାନ କରି କହିଛନ୍ତି, ଏହା ପଡ଼ୋଶୀ ରାଜ୍ୟଗୁଡ଼ିକରେ ମଧ୍ୟ ପର୍ଯ୍ୟଟନ ସ୍ଥଳୀର ବିକାଶ କରିବା ଲାଗି ସହାୟତା କରିବ । ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ ରହିବା ଲାଗି କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱପ୍ରଦାନ କରି ଶ୍ରୀ ମୋଦୀ କହିଛନ୍ତି, ଭାରତ ଦ୍ରୁତ ସହରୀକରଣ ଦିଗରେ ଅଗ୍ରସର ହେଉଛି । ବିକାଶ, ନବସୃଜନ ଏବଂ ଦୀର୍ଘସ୍ଥାୟୀତ୍ୱକୁ ସହର ଗୁଡ଼ିକର ବିକଶର ଇଞ୍ଜିନ୍ ଭାବେ ଗ୍ରହଣ କରିବା ଲାଗି ପ୍ରଧାନମନ୍ତ୍ରୀ କହିଛନ୍ତି । କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଏକତ୍ର ହୋଇ ଟିମ୍ ଇଣ୍ଡିଆ ଭାବେ କାର୍ଯ୍ୟ କଲେ ସମସ୍ତ ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବିକଶିତ ଭାରତ ପ୍ରତ୍ୟେକ ଭାରତୀୟଙ୍କ ଲକ୍ଷ୍ୟ । ତେଣୁ ପ୍ରତ୍ୟେକ ରାଜ୍ୟ ବିକଶିତ ହେଲେ ଭାରତ

ମଧ୍ୟ ବିକଶିତ ହୋଇପାରିବ । ଏହା ହେଉଛି ୧୪୦ କୋଟି ନାଗରିକଙ୍କ ଆଶା ଓ ଆକାଂକ୍ଷା ବୋଲି ଶ୍ରୀ ମୋଦୀ କହିଛନ୍ତି ।

କାର୍ଯ୍ୟ କ୍ଷେତ୍ରରେ ମହିଳାମାନଙ୍କୁ ସାମିଲ କରି କାମ କରିବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟ କ୍ଷେତ୍ରରେ ମହିଳାମାନେ ସମ୍ମାନଜନକ ଭାବେ କାମ କରିବା ଲାଗି ସ୍ୱତନ୍ତ୍ର ଆଇନ୍ ଓ ନୀତି ରହିବା ଉଚିତ୍ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

ଏହି ବୈଠକରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ ଏହି ବୈଠକରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଉପରାଜ୍ୟପାଳ, କେନ୍ଦ୍ର ମନ୍ତ୍ରିପରିଷଦର ସଦସ୍ୟ, ନୀତି ଆୟୋଗର ଉପାଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅନ୍ୟ ସଦସ୍ୟଗଣ ଉପସ୍ଥିତ ଥିଲେ । ଚଳିତ ବର୍ଷର ବାର୍ତ୍ତା “ବିକଶିତ ଭାରତ ପାଇଁ ବିକଶିତ ରାଜ୍ୟ ୨୦୪୭” ପ୍ରସଙ୍ଗ ନେଇ ବୈଠକରେ ଆଲୋଚନା ହୋଇଥିଲା ।

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍‌କି ବାତର ୧୨୨ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱର୍କ, ଆକାଶବାଣୀ ଓ୍ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ଅଲ୍ ପାର୍ଟି

ଡି.ଏମ୍.କେ. ସାଂସଦ କାନି ମୋଝିଙ୍କ ନେତୃତ୍ୱରେ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଭାରତରୁ ରୁଷ ଅଭିମୁଖେ ଯାତ୍ରା କରି ସନ୍ତ୍ରାସବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳତାର ଦୃଢ଼ ବାର୍ତ୍ତା ଆଜି ଉପସ୍ଥାପନ କରିଛନ୍ତି । ମସ୍କୋ ସ୍ଥିତ ଭାରତୀୟ ଦୂତାବାସ ଠାରେ ଆୟୋଜିତ ମିଳିତ

ସାମ୍ବାଦିକ ସମ୍ମିଳନୀରେ ସାଂସଦ କାନିମୋଝୀ କହିଛନ୍ତି, ପାକିସ୍ତାନରୁ ଭାରତର ସୀମା ମଧ୍ୟକୁ ଅନୁପ୍ରବେଶ କରି ସନ୍ତ୍ରାସବାଦୀମାନେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ କରିଥିଲେ । ସେ କହିଛନ୍ତି, ଏହି ଆତଙ୍କବାଦୀ ଘଟଣା ପାଇଁ ନିଜକୁ ଦାୟୀ କରିଥିବା ସନ୍ତ୍ରାସବାଦୀ ସଂଗଠନକୁ ପାକିସ୍ତାନ ସୁରକ୍ଷା ପ୍ରଦାନ କରୁଛି । ଭାରତ ଦାୟିତ୍ୱର ସହ ଆତଙ୍କବାଦର ମୁକାବିଲା ଲାଗି ପଦକ୍ଷେପ ଗ୍ରହଣ କରିଥିଲା । ସେଥିରେ ସାଧାରଣ ନାଗରିକ ପ୍ରଭାବିତ ହୋଇନଥିବା ବେଳେ ସେନା ଶିବିରର ମଧ୍ୟ କୌଣସି କ୍ଷୟକ୍ଷତି ଘଟି ନଥିଲା । କାନିମୋଝି କହିଛନ୍ତି, ଏହି ପ୍ରତିନିଧି ଦଳ ଭାରତର ସ୍ଥିତି ଏବଂ ମନୋଭାବକୁ ଉପସ୍ଥାପନ କରିବା ଲାଗି ଏହା ଏକ ବଡ଼ ସୁଯୋଗ ସୃଷ୍ଟି କରିଛି ।

ଏହି ପ୍ରତିନିଧି ଦଳ ମସ୍କୋ ସ୍ଥିତ ଭାରତୀୟ ଦୂତାବାସରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଇତିମଧ୍ୟରେ ଜେ.ଡି.ୟୁ. ସାଂସଦ ସଂଜୟ ଝାଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଭାରତରୁ ଜାପାନ ଅଭିମୁଖେ ଯାତ୍ରା କରିଛନ୍ତି । ଏହି ଦଳ ଜାପାନ ଗସ୍ତ ସାରି ଦକ୍ଷିଣ କୋରିଆ ଅଭିମୁଖେ ଯାତ୍ରା କରିଛନ୍ତି । ଜାପାନ ଦୂତାବାସରେ ଭାରତୀୟ ବଂଶୋଦ୍ଭବ ସଦସ୍ୟମାନଙ୍କ ସହ ମତ ବିନିମୟ କରି ଶ୍ରୀ ଝା ଗତ ଏପ୍ରିଲ୍ ୨୨ ତାରିଖରେ ପହଲଗାମ୍ ଠାରେ ହୋଇଥିବା ସନ୍ତ୍ରାସବାଦୀ ଆକ୍ରମଣ ଘଟଣାରେ ପାକିସ୍ତାନର ଭୂମିକା ସମ୍ପର୍କରେ ଆଲୋକପାତ

କରିଥିଲେ । ଅପରେସନ ସିନ୍ଦୂର ଜରିଆରେ ଭାରତ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର ଅଞ୍ଚଳରେ ଥିବା ଆତଙ୍କବାଦୀ ଶିବିର ଗୁଡ଼ିକୁ ନଷ୍ଟ କରିଦେଇଥିଲା ବୋଲି ସେ କହିଛନ୍ତି ।

ଭାରତର ଅପରେସନ ସିନ୍ଦୂର ସଂପର୍କରେ କୂଟନୈତିକ ସ୍ତରୀୟ ଆଲୋଚନା ପାଇଁ ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱାଧିନ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଆଜି ବାହାରିନ୍‌ରେ ପହଞ୍ଚିଛନ୍ତି । ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳ ନୀତି ସଂପର୍କରେ ସେ ଏହି ଅବସରରେ ସେଠାକାର ଶୀର୍ଷ ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିବେ । ସାଂସଦ ଶ୍ରୀ ପଣ୍ଡା ଏବଂ ପ୍ରତିନିଧି ମଣ୍ଡଳୀଙ୍କୁ ବିମାନ ବନ୍ଦରଠାରେ ଭାରତର ରାଷ୍ଟ୍ରଦୂତ ବିନୋଦ କେ. ଜାକବ୍ ସ୍ୱାଗତ କରିଥିଲେ । ଏହି ପ୍ରତିନିଧି ଦଳରେ ପୂର୍ବତନ ବୈଦେଶିକ ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା, **AIMIM** ସାଂସଦ ଅସଦୁଦ୍ଦିନ ଓୱେସି, ରାଜ୍ୟସଭା ସାଂସଦ ରେଖା ଶର୍ମା ଏବଂ ଶତନାମ ସିଂ ସାନ୍ଧୁ, ଜାମ୍ମୁକାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦ, ବିଜେପି ସାଂସଦ ଫାଙ୍ଗନନ କୋନ୍ୟାକ୍ ଏବଂ ନିଶିକାନ୍ତ ଦୁବେ ସଦସ୍ୟ ଭାବେ ସାମିଲ ହୋଇଛନ୍ତି । ଏହି ପ୍ରତିନିଧି ମଣ୍ଡଳୀ ସାଉଦିଆରବ, କୁଏତ୍ ଏବଂ ଆଲ୍‌ଜେରିଆ ଗସ୍ତ କରିବାର ମଧ୍ୟ କାର୍ଯ୍ୟସୂଚୀ ରହିଛି ।

କଂଗ୍ରେସ ସାଂସଦ ଶଶି ଥରୁରଙ୍କ ନେତୃତ୍ୱରେ ଅନ୍ୟ ଏକ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଦିଲ୍ଲୀରୁ ଆଜି ପ୍ରତ୍ୟୁଷରୁ ୫ଟି ରାଷ୍ଟ୍ର ଗସ୍ତରେ ଯାଇଛନ୍ତି । ଏହି ପ୍ରତିନିଧି ମଣ୍ଡଳୀ ପ୍ରଥମେ ଗୁଆନାରେ ପହଞ୍ଚିବେ । ଏହା ପରେ ଆମେରିକା, ପାନାମା ବ୍ରାଜିଲ ଓ କଲମ୍ବିଆ ରାଷ୍ଟ୍ର ଗସ୍ତରେ ଯିବେ। ଗସ୍ତ ପୂର୍ବରୁ ଶ୍ରୀ ଥରୁର ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏକ ଭିଡ଼ିଓ ବାର୍ତ୍ତାରେ ଆତଙ୍କବାଦ ବିରୁଦ୍ଧରେ ଭାରତର ସ୍ୱଷ୍ଟ ଆଭିମୁଖ୍ୟକୁ ଦୋହରାଇଛନ୍ତି । ସେ କହିଛନ୍ତି, ଆତଙ୍କବାଦ ବିରୁଦ୍ଧରେ ଭାରତ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ସହ ଶାନ୍ତି ପ୍ରତିଷ୍ଠା ହେଉଛି ମୂଳ ଲକ୍ଷ୍ୟ ।

## ମାଣ୍ଡବ୍ୟ-ଆର୍‌ଏନ୍‌ଆଇଏସ୍

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି, ଉତ୍ତର ପୂର୍ବାଞ୍ଚଳରେ ଉଦୀୟମାନ କ୍ରୀଡ଼ା ପ୍ରତିଭାମାନଙ୍କର ବିକାଶ ଲାଗି ନିକଟ ଭବିଷ୍ୟତରେ ଖେଲୋ ଇଣ୍ଡିଆ ଉତ୍ତର ପୂର୍ବାଞ୍ଚଳ କ୍ରୀଡ଼ା ଶୁଭାରମ୍ଭ ହେବ । ନୂଆଦିଲ୍ଲୀ ଠାରେ ଉତ୍ତର ପୂର୍ବାଞ୍ଚଳ ନିବେଶ ସମ୍ମିଳନୀ ୨୦୨୫ରେ ଯୋଗଦେଇ ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ଖେଲୋ ଇଣ୍ଡିଆ ପ୍ରତିଯୋଗିତା ଦ୍ୱାରା ଭାରତ ଆଗାମୀ ୧୦ ବର୍ଷ ମଧ୍ୟରେ ଅଲିମ୍ପିକ୍‌ରେ ଶ୍ରେଷ୍ଠ ୧୦ଟି ରାଷ୍ଟ୍ର ମଧ୍ୟରେ ସ୍ଥାନିତ ହୋଇ ପାରିବ ବୋଲି ସେ କହିଛନ୍ତି **।V/O-MANSUKH-MANDAVIYA**

## ଜୟନ୍ତ ଚୌଧୁରୀ-ଆର୍‌ଏନ୍‌ଆଇଏସ୍

ଦକ୍ଷତା ବିକାଶ ଏବଂ ଉଦ୍ୟମିତା ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି, ଉତ୍ତର ପୂର୍ବାଞ୍ଚଳ ଆଉ ଭାରତର ଉପାନ୍ତ ଅଞ୍ଚଳ ଭାବେ ହୋଇ ରହିନାହିଁ ବରଂ ଏହା ଭାରତର ବିକାଶ ଯାତ୍ରାର ନୂତନ କେନ୍ଦ୍ର ରୂପେ ଉଭା ହୋଇଛି । ନୂଆଦିଲ୍ଲୀ ଠାରେ ଉତ୍ତର ପୂର୍ବାଞ୍ଚଳ ନିବେଶକ ସମ୍ମିଳନୀ ୨୦୨୫ରେ ଯୋଗଦେଇ ଶ୍ରୀ ଚୌଧୁରୀ କହିଛନ୍ତି, ମିଜୋରାମରେ ଶତପ୍ରତିଶତ ସାକ୍ଷରତାହାର ପରିଲକ୍ଷିତ ହୋଇଛି, ଯାହାକି ଯୁବବର୍ଗଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳତା  ସହ ଉଦ୍ୟୋଗ ପ୍ରତି ଉତ୍ସାହ ମନୋଭାବ ସୃଷ୍ଟି କରିଛି । ସେ କହିଛନ୍ତି, ଯୁବବର୍ଗଙ୍କ ମଧ୍ୟରେ ଦକ୍ଷତା ପରିପ୍ରକାଶ ଲାଗି ଭିତ୍ତିଭୂମି କ୍ଷେତ୍ର ଗୁଡ଼ିକୁ ସୁଦୃଢ଼ କରିବା ସହ ଦକ୍ଷତା ଅଭିବୃଦ୍ଧି ନିମନ୍ତେ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି । ପ୍ରାୟ ଏକ ଲକ୍ଷ ଛାତ୍ରବର୍ଗଙ୍କୁ କୃତ୍ରିମ ବୁଦ୍ଧିମତା ପ୍ରଶିକ୍ଷଣ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି ।

## ଇଣ୍ଡିଆ ହଜ୍ ଆରେଞ୍ଜମେଣ୍ଟସ୍

ହଜ୍ ତୀର୍ଥ ଯାତ୍ରାରେ ଯାଇଥିବା ଭାରତୀୟମାନେ ଭାରତ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ସମସ୍ତ ପ୍ରକାର ବ୍ୟବସ୍ଥା ଓ

ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ଫଳରେ ସାଉଦିଆରବକୁ ସହଜରେ ହଜ୍ ଯାତ୍ରା ପାଇଁ ଯାତ୍ରୀମାନଙ୍କୁ ଏହା ସହାୟତା ପ୍ରଦାନ କରିଛି । ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କୁହାଯାଇଛି, ମନ୍ତ୍ରଣାଳୟ ପକ୍ଷରୁ ପ୍ରତ୍ୟେକ ହଜ୍ ତୀର୍ଥ ଯାତ୍ରୀଙ୍କୁ ଆରାମ ଦାୟକ ସେବା ସୁନିଶ୍ଚିତ କରିବା ଲାଗି ନିରନ୍ତର ପଦକ୍ଷେପ ଗ୍ରହଣ କରାଯାଉଛି । ଇତିମଧ୍ୟରେ ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଜର୍ଜ୍ କୁରିଆନ୍ ହଜ୍ ତୀର୍ଥ ଯାତ୍ରୀଙ୍କୁ ସହଜ, ସରଳ ଏବଂ ସଫଳ ଯାତ୍ରା ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଉଥିବା ସମସ୍ତ ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

ହରାମ୍ ସରିଫ୍‌ରୁ ମକ୍କା ଆଜିଜିଆ ଯାତ୍ରା ନିମନ୍ତେ ତୀର୍ଥଯାତ୍ରୀମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଛି ବୋଲି ଜେଦାହ୍ ସ୍ଥିତ ଭାରତୀୟ କନ୍‌ସୋଲ୍ ଜେନେରାଲ୍ ଫାଦ୍ ଅହମ୍ମଦ ଖାନ୍ ସୁରି କହିଛନ୍ତି । ସେହିପରି  ହଜ୍ ତୀର୍ଥଯାତ୍ରୀମାନଙ୍କୁ ଭାରତୀୟ ହଜ୍ ମିଶନ୍ ଅଧୀନରେ  ମୋବାଇଲ୍ ସ୍ୱାସ୍ଥ୍ୟ ସେବା ଜରିଆରେ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ଆଉ ଅଳ୍ପ ସମୟ ପରେ ଜୟପୁର ସୱାଇ ମାନ୍‌ସିଂହ ଷ୍ଟାଡିୟମ୍ ଠାରେ ପଞ୍ଜାବ କିଙ୍ଗସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମୁକାବିଲା ହେବ । ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ଏହି ମ୍ୟାଚ୍‌ର ଫଳାଫଳ ପ୍ଲେଅଫ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଥିବା ଦଳ ଗୁଡ଼ିକ ଉପରେ କୌଣସି ପ୍ରଭାବ ପକାଇବ ନାହିଁ । ପଞ୍ଜାବ କିଙ୍ଗସ୍ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସ ପ୍ଲେଅଫ୍‌ରୁ ବାଦ୍ ପଡ଼ିଛି ।